# NATIONAL NEWS BULLETIN (ODIA)

## 14 June - 2024

## Morning Bulletin : 7.15 a.m.

********************************

## ମୁଖ୍ୟ ସମ୍ବାଦ

- **G7** ଶିଖର ସମ୍ମିଳନୀରେ ଅନେକ ଦେଶର ନେତାମାନଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

- ଆସନ୍ତା ୨୬ ତାରିଖରେ ହେବ ଅଷ୍ଟାଦଶ ଲୋକସଭାର ବାଚସ୍ପତି ନିର୍ବାଚନ ।

- ଅଜିତ ଡୋଭାଲ୍ ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା ଏବଂ ଡକ୍ଟର ପି.କେ. ମିଶ୍ର ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ନିଯୁକ୍ତ ।

- ସ୍ୱତନ୍ତ୍ର ବିମାନ ଯୋଗେ ଭାରତ ଅଣାଯିବ କୁଏତ୍ ଅଗ୍ନିକାଣ୍ଡରେ ପ୍ରାଣ ହରାଇଥିବା ୪୫ ଜଣ ନାଗରୀକଙ୍କ ମୃତ ଦେହ ।

ଏବଂ

- ଆଇ.ସି.ସି. ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍‌ରେ ଓମାନ୍‌କୁ ୮ ଓ୍ୱିକେଟ୍‌ରେ ପରାସ୍ତ କଲା ଇଂଲଣ୍ଡ ।

# ପିଏମ୍-ଜି୭

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଇଟାଲୀରେ **G7** ଶିଖର ସମ୍ମିଳନୀ ଅବସରରେ ଅନେକ ଦେଶର ନେତାମାନଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିବେ । ଶ୍ରୀ ମୋଦୀ ଫ୍ରାନ୍ସର ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନ୍, ବ୍ରିଟେନ୍‌ର ପ୍ରଧାନମନ୍ତ୍ରୀ ଋଷି ସୁନକ, ଜର୍ମାନର ଚାନ୍‌ସେଲର୍ ଓଲାଫ୍ ସ୍କୋଲ୍‌ଜ, ଇଟାଲୀର ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନି, ଜାପାନର ପ୍ରଧାନମନ୍ତ୍ରୀ ଫୁମିଓ କିସିଦା ଏବଂ ୟୁକ୍ରେନ୍‌ର ରାଷ୍ଟ୍ରପତି ଭ୍ଲାଦିମିର୍ ଜେଲେନ୍‌ସ୍କିଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିବାର କାର୍ଯ୍ୟକ୍ରମ ରହିଛି । କ୍ରମାଗତ ଭାବେ ତୃତୀୟ ଥର ଲାଗି ଦେଶର କାର୍ଯ୍ୟଭାର ସମ୍ଭାଳିବା ପରେ ଏହା ପ୍ରଧାନମନ୍ତ୍ରୀ ମୋଦୀଙ୍କ ପ୍ରଥମ ବିଦେଶ ଗସ୍ତ ।

# ପିଏମ୍-ଜି୭

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଇଟାଲୀ ସହ ଦ୍ୱିପାକ୍ଷିକ ସମ୍ପର୍କ ଏବଂ ପ୍ରଶାନ୍ତ ମହାସାଗରୀୟ ଓ ଭୂମଧ୍ୟସାଗରୀୟ ଅଞ୍ଚଳରେ

ସହଭାଗିତା ବୃଦ୍ଧି ପାଇଁ ଭାରତ ପ୍ରତିଶ୍ରୁତିବଦ୍ଧ । **G7** ଶିଖର ସମ୍ମିଳନୀରେ ଯୋଗଦେବାଲାଗି ଇଟାଲୀ ଗସ୍ତରେ ଯିବା ପୂର୍ବରୁ ପ୍ରଧାନମନ୍ତ୍ରୀ ଏହା କହିଛନ୍ତି । ସେ କହିଛନ୍ତି ଇଟାଲୀର ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନିଙ୍କ ଆମନ୍ତ୍ରଣ କ୍ରମେ ସେ ଇଟାଲୀ ଗସ୍ତରେ ଯାଉଛନ୍ତି । ସେ କହିଛନ୍ତି ଗତବର୍ଷ ଇଟାଲୀ ପ୍ରଧାନମନ୍ତ୍ରୀ ମେଲୋନିଙ୍କ ଦୁଇଥର ଭାରତଗସ୍ତ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧି ପାଇଁ ଅଧିକ ଫଳପ୍ରସୂ ହୋଇଥିଲା । ଏହି ସମ୍ମିଳନୀ ଅବସରରେ ବିଭିନ୍ନ ରାଷ୍ଟ୍ରମୁଖ୍ୟଙ୍କ ସହ କୃତ୍ରିମ ବୁଦ୍ଧିମତା, ଶକ୍ତି ତଥା ଅନ୍ୟାନ୍ୟ ବିଷୟ ଉପରେ ଆଲୋଚନା ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଭାରତ ଅଧ୍ୟକ୍ଷତାରେ ଆୟୋଜିତ **G20** ସମ୍ମିଳନୀରେ ଆଲୋଚନାର ବିଷୟ ରହିଥିବା ଅନେକ ପ୍ରସଙ୍ଗ ଆଗାମୀ **G7** ଶିଖର ବୈଠକ ଅବସରରେ ସ୍ଥାନିତ ହେବ ବୋଲି ସେ ଆଶାପ୍ରକାଶ କରିଛନ୍ତି ।

ଏହି **G7** ଶିଖର ସମ୍ମିଳନୀରେ ଭାରତ ଏକାଦଶଥର ଯୋଗଦେଉଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପଞ୍ଚମଥର ଲାଗି ଯୋଗ ଦେଉଛନ୍ତି । ଏହି ସମ୍ମିଳନୀରେ ଭାରତର ନିୟମିତ ଯୋଗଦାନ ବିଶ୍ୱ ସମସ୍ୟାର ସମାଧାନ ଦିଗରେ ଏକ ଦୃଢ଼ ପଦକ୍ଷେପ ବୋଲି ବିବେଚନା କରାଯାଉଛି । ବିଶ୍ୱରେ ଶାନ୍ତି ସ୍ଥାପନ ସହ ସୁରକ୍ଷା, ବିକାଶ ଏବଂ ପରିବେଶ ସଂରକ୍ଷଣ ଉପରେ ଭାରତ ଜୋର୍ ଦେଇ ଆସୁଛି ।

## ଏଲ୍.ଏସ୍.-ସ୍ପିକର୍

ଲୋକସଭା ବାଚସ୍ପତି ନିର୍ବାଚନ ଆସନ୍ତା ୨୬ ତାରିଖରେ ହେବ । ଅଷ୍ଟାଦଶ ଲୋକସଭାର ପ୍ରଥମ ଅଧିବେଶନ ଜୁନ୍ ୨୪ରେ ଆରମ୍ଭ ହେଉଛି । ଏହି ଅଧିବେଶନରେ ନବନିର୍ବାଚିତ ସଦସ୍ୟମାନେ ଶପଥ ଗ୍ରହଣ କରିବେ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଲୋକସଭା ଏବଂ ରାଜ୍ୟସଭାର ମିଳିତ ବୈଠକକୁ ସମ୍ବୋଧନ କରିବା ପରେ ଉଭୟ ଗୃହରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଆଲୋଚନା ହେବ । ରାଜ୍ୟସଭା ଅଧିବେଶନ ଜୁନ୍ ୨୭ରୁ ଆରମ୍ଭ ହେବ । ଉଭୟ ଲୋକସଭା ଏବଂ ରାଜ୍ୟସଭା ଅଧିବେଶନ ଜୁଲାଇ ୩ରେ ସମାପ୍ତ ହେବ ।

## ଏନ୍ଏସ୍ଏ ଆପଏଣ୍ଟ

ପୂର୍ବତନ ଆଇ.ପି.ଏସ୍. ଅଧିକାରୀ ଅଜିତ ଡୋଭାଲଙ୍କୁ ପୁଣିଥରେ ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା ଭାବେ ନିଯୁକ୍ତି ମିଳିଛି । ସେହିପରି ପୂର୍ବ ଆଇ.ଏ.ଏସ୍. ଅଧିକାରୀ ଡକ୍ଟର ପି.କେ. ମିଶ୍ରଙ୍କୁ ଦ୍ୱିତୀୟ ଥର ଲାଗି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ନିଯୁକ୍ତ କରାଯାଇଛି । କେନ୍ଦ୍ର ମନ୍ତ୍ରିମଣ୍ଡଳର ନିଯୁକ୍ତି କମିଟି ଏହି ନିଯୁକ୍ତିକୁ ମଞ୍ଜୁରୀ ପ୍ରଦାନ କରିଛି । ଚଳିତ ମାସ ୧୦ ତାରିଖରୁ ଉଭୟ ନିଯୁକ୍ତି କାର୍ଯ୍ୟକାରୀ ହେଉଥିବା କୁହାଯାଇଛି । କାର୍ମିକ ଅଭିଯୋଗ ଏବଂ ପେନ୍ସନ୍ ମନ୍ତ୍ରଣାଳୟ କହିଛି, ଶ୍ରୀ ଡୋଭାଲ୍ ଏବଂ ଶ୍ରୀ

ମିଶ୍ରଙ୍କ ନିଯୁକ୍ତି ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟର ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବଳବତ୍ତର ରହିବ । ଏହି ଦୁଇ ଅଧିକାରୀଙ୍କୁ ବରିଷ୍ଠତା ଭିତ୍ତିରେ କ୍ୟାବିନେଟ୍ ମନ୍ତ୍ରୀ ପାହ୍ୟା ପ୍ରଦାନ କରାଯାଇଛି । ନିଯୁକ୍ତି ପରେ ଶ୍ରୀ ଡୋଭାଲ୍ ଗତକାଲି ନୂଆଦିଲ୍ଲୀରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ସହ ସାକ୍ଷାତ କରିଛନ୍ତି ।

ନିଯୁକ୍ତି କମିଟି ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଅମିତ ଖାରେ ଏବଂ ତରୁଣ କାପୁରଙ୍କୁ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶଦାତା ଭାବେ ନିଯୁକ୍ତି ସମ୍ପର୍କିତ ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରିଛି । ଉଭୟ ଅଧିକାରୀଙ୍କୁ ସଚିବ ସ୍ତରୀୟ ନିଯୁକ୍ତି ଦିଆଯାଇଛି ଏବଂ ଏହି ନିଯୁକ୍ତି ଚଳିତ ମାସ ୧୦ ତାରିଖରୁ କାର୍ଯ୍ୟକାରୀ ହୋଇଛି । ଆସନ୍ତା ୨ ବର୍ଷ ପର୍ଯ୍ୟନ୍ତ କିମ୍ବା ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଉଭୟ ଏହି ପଦବୀରେ ରହିବେ ।

## କୁଏତ୍ ଫାୟାର୍-୧

କୁଏତ୍‌ରେ ଭୟଙ୍କର ଅଗ୍ନିକାଣ୍ଡରେ ପ୍ରାଣ ହରାଇଥିବା ୪୫ ଜଣ ଭାରତୀୟ ନାଗରୀକଙ୍କ ମୃତ ଦେହ ଆଜି ଏକ ସ୍ୱତନ୍ତ୍ର ବିମାନ ଯୋଗେ ଅଣାଯିବ । କୁଏତ ସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ କୁହାଯାଇଛି, ଏହି ସ୍ୱତନ୍ତ୍ର ବିମାନ ଆଜି ସକାଳେ କୋଚିଠାରେ ଅବତରଣ କରିବ ଏବଂ ପରେ ଦିଲ୍ଲୀକୁ ଯିବ । ଏହି ଅଗ୍ନିକାଣ୍ଡ ଘଟଣାରେ ମୃତକଙ୍କ ମଧ୍ୟରେ ସର୍ବାଧିକ ୨୩ ଜଣ କେରଳର ହୋଇଥିବା ବେଳେ ତାମିଲନାଡୁରୁ ୭

ଜଣ, ଆନ୍ଧ୍ରପ୍ରଦେଶ ଏବଂ ଉତ୍ତରପ୍ରଦେଶରୁ ୩ ଜଣ ଲେଖାଏଁ, ଓଡ଼ିଶାରୁ ୨ ଜଣ ଏବଂ ବିହାର, ପଞ୍ଜାବ, କର୍ଣ୍ଣାଟକ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଏବଂ ହରିଆନାରୁ ଜଣେ ଲେଖାଏଁ ଅଛନ୍ତି । କେନ୍ଦ୍ର ବୈଦେଶିକ ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତିବର୍ଦ୍ଧନ ସିଂହ ଗତକାଲି କୁଏତରେ ପହଞ୍ଚିବା ପରେ ମୃତ ଦେହ ଗୁଡ଼ିକୁ ଆଣିବା ଲାଗି କୁଏତ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ ।

ଗତ ବୁଧବାର ଦିନ କୁଏତର ମଙ୍ଗଫ ଅଞ୍ଚଳରେ ଶ୍ରମିକମାନେ ରହୁଥିବା ଏକ କୋଠାରେ ଭୟଙ୍କର ଅଗ୍ନିକାଣ୍ଡ ଘଟିବା ଫଳରେ ୪୫ ଜଣ ଭାରତୀୟ ନାଗରିକଙ୍କ ମୃତ୍ୟୁ ଘଟିଥିଲା । ଅଗ୍ନିକାଣ୍ଡ ଘଟିଥିବା ଆବାସ ସ୍ଥଳୀରେ ଶହେ ଛସ୍ତରୀ ଜଣ ଭାରତୀୟ ଶ୍ରମିକଙ୍କ ମଧ୍ୟରୁ ଆହତ ୩୩ ଜଣ ବିଭିନ୍ନ ହସ୍ପିଟାଲ୍‌ରେ ଚିକିତ୍ସିତ ହେଉଥିବା ବେଳେ ସେମାନେ ବିପଦମୁକ୍ତ ଥିବା କୁହାଯାଇଛି । ଗତକାଲି ବୈଦେଶିକ ରାଷ୍ଟ୍ରମନ୍ତ୍ରୀ କୁଏତରେ ପହଞ୍ଚିବା ପରେ ବିଭିନ୍ନ ଡାକ୍ତରଖାନା ପରିଦର୍ଶନ କରି ଚିକିତ୍ସା ବ୍ୟବସ୍ଥା ତଦାରଖ କରିଥିଲେ ।

# କୁଏତ୍-ଫାୟାର୍

କୁଏତରେ ଘଟିଥିବା ଭୟଙ୍କର ଅଗ୍ନିକାଣ୍ଡରେ ଉତ୍ତରପ୍ରଦେଶର ୩ ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି ।  ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସରକାର ଏହି ଘଟଣାରେ ବୈଦେଶିକ

ମନ୍ତ୍ରଣାଳୟ ସହିତ ଯୋଗାଯୋଗରେ ଅଛନ୍ତି । ଉତ୍ତରପ୍ରଦେଶର ରିଲିଫ୍ କମିଶନର କହିଛନ୍ତି, ଏହି ଅଗ୍ନିକାଣ୍ଡ ଘଟଣାରେ ବାରାଣାସୀର ପ୍ରବୀଣ ମାଧବ ସିଂହ ଓ ଗୋରଖପୁରର ଜୟରାମ ଗୁପ୍ତା ଏବଂ ଅଙ୍ଗଦ ଗୁପ୍ତାଙ୍କର ମୃତ୍ୟୁ ଘଟିଛି । ସେ କହିଛନ୍ତି, କୁଏତ ସ୍ଥିତ ଭାରତୀୟ ଦୂତାବାସ ସୂଚନା ଅନୁଯାୟୀ ଅଗ୍ନିକାଣ୍ଡରେ ଆହତ ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ବିପଦମୁକ୍ତ ରହିଛି ।

## ଉତ୍ତରାଖଣ୍ଡ-ଜଙ୍ଗଲ ଫାୟାର୍

ଉତ୍ତରାଖଣ୍ଡର ଅଲ୍‌ମୋଡା ଜିଲ୍ଲା ସ୍ଥିତ ଏକ ଅଭୟାରଣ୍ୟରେ ଭୟଙ୍କର ଅଗ୍ନିକାଣ୍ଡ ଯୋଗୁଁ ୪ ଜଣ ଅଗ୍ନିସମ ବାହିନୀ କର୍ମଚାରୀଙ୍କ ମୃତ୍ୟୁ ଘଟିଛି । ସେମାନଙ୍କ ମଧ୍ୟରେ ବନ ବିଭାଗର ସ୍ଥାୟୀ ଏବଂ ଅସ୍ଥାୟୀ କର୍ମଚାରୀ ଓ ବନରକ୍ଷକ ଅଛନ୍ତି ।

ସୂଚନା ଅନୁଯାୟୀ ନିଆଁକୁ ଆୟତ୍ତ କରିବା ଲାଗି ୮ଟି ଦମକଳ ବାହିନୀ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚିଥିଲେ । ତେବେ ଅଧିକ ବେଗରେ ପବନ ପ୍ରବାହିତ ହେବାରୁ ଘଟଣା ସ୍ଥଳରେ ୪ ଜଣ କର୍ମଚାରୀ ନିଆଁ ମଧ୍ୟରେ ରହିଯାଇଥିଲେ, ଯାହାଫଳରେ ସେମାନଙ୍କ ମୃତ୍ୟୁ ଘଟିଥିଲା । ଏହି ଘଟଣାରେ ଅନ୍ୟ ୪ ଜଣ କର୍ମଚାରୀ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି ।

# ନିଟ୍ ୟୁଜି- ସୁପ୍ରିମକୋର୍ଟ

ନିଟ୍ ୟୁଜି ମେଡିକାଲ ପ୍ରବେଶିକା ପରୀକ୍ଷାରେ ୧ ହଜାର ୫୬୩ ଜଣ ପରୀକ୍ଷାର୍ଥୀଙ୍କୁ ଦିଆଯାଇଥିବା ଗ୍ରେସ୍ ମାର୍କକୁ ପ୍ରତ୍ୟାହୃତ କରାଯାଇଛି। ବିଚାରପତି ଜଷ୍ଟିସ ବିକ୍ରମ ନାଥ ଏବଂ ଜଷ୍ଟିସ ସନ୍ଦୀପ ମେହେଟ୍ଟାଙ୍କୁ ନେଇ ଗଠିତ ସୁପ୍ରିମକୋର୍ଟଙ୍କ ଅବକାଶ କାଳୀନ ଖଣ୍ଡପୀଠରେ ଏ ସଂକ୍ରାନ୍ତ ମାମଲାର ଶୁଣାଣି ସମୟରେ କେନ୍ଦ୍ର ସରକାର କୋର୍ଟଙ୍କୁ ଏହା ଅବଗତ କରିଛନ୍ତି। କୋର୍ଟରେ ମଧ ଜାତୀୟ ପରୀକ୍ଷଣ ସଂସ୍ଥା– ଏନ୍.ଟି.ଏ. ପକ୍ଷରୁ କୁହାଯାଇଛି, ସେହି ପରୀକ୍ଷାର୍ଥୀମାନେ ଆଗାମୀ ୨୩ ତାରିଖରେ ଅନୁଷ୍ଠିତ ହେଉଥିବା ପୁନଃ ପ୍ରବେଶିକା ପରୀକ୍ଷା ଦେଇପାରିବେ। ଜୁନ୍ ୩୦ ସୁଦ୍ଧା ଏହି ପରୀକ୍ଷାର ଫଳ ପ୍ରକାଶ ପାଇବ। ପୁନଃ ପରୀକ୍ଷା ଦେଉ ନଥିବା ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ଗ୍ରେସ୍ ମାର୍କ ବିନା ମାର୍କସିଟ୍ ପ୍ରଦାନ କରାଯିବ। ଏନେଇ ଏକ ସାର୍ବଜନୀନ ବିଜ୍ଞପ୍ତି ଜାରି କରାଯିବ ଏବଂ ଗ୍ରେସ୍‌ମାର୍କ ଦିଆଯାଇଥିବା ସମସ୍ତ ଏକହଜାର ୫୬୩ଜଣ ଛାତ୍ରଛାତ୍ରୀଙ୍କୁ ଗ୍ରେସ୍‌ମାର୍କ ପ୍ରତ୍ୟାହାର ଏବଂ ପୁନଃ ପରୀକ୍ଷା ନେଇ ଇ-ମେଲ୍ ମାଧମରେ ସୂଚନା ପ୍ରଦାନ କରାଯିବ ବୋଲି ଏନ୍‌ଟିଏ ପକ୍ଷରୁ ସ୍ପଷ୍ଟ କରାଯାଇଛି । ମାମଲାର ଶୁଣାଣି ସମୟରେ ନିଟ୍ କାଉନସେଲିଂ ଉପରେ କୌଣସି ଅନ୍ତରୀଣ ରହିତାଦେଶ ଦେବେ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି ।

ଏହି ମାମଲାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ନିଟ୍ ୟୁଜି ପ୍ରବେଶିକା ପରୀକ୍ଷାରେ କୌଣସି ଅନିୟମିତତା ହୋଇନାହିଁ। ଗଣମାଧ୍ୟମ ସହ ଆଲୋଚନା ବେଳେ ସେ କହିଛନ୍ତି ପ୍ରଶ୍ନପତ୍ର ପ୍ରଘଟ ନେଇ କୌଣସି ପ୍ରମାଣ ମଧ୍ୟ ହସ୍ତଗତ ହୋଇନାହିଁ । ଛାତ୍ରଛାତ୍ରୀ ଏବଂ ଅଭିଭାବକଙ୍କୁ ପ୍ରତିଶ୍ରୁତି ଦେଇ ସେ କହିଛନ୍ତି ଛାତ୍ରଛାତ୍ରୀ ଏବଂ ଅଭିଭାବକଙ୍କୁ ନ୍ୟାୟ ମିଳିବ । ସୁପ୍ରିମକୋର୍ଟରେ ଏ ସଂକ୍ରାନ୍ତ ମାମଲା ବିଚାରାଧୀନ ରହିଛି । ସରକାର ତାଙ୍କ ପକ୍ଷ ସୁପ୍ରିମକୋର୍ଟରେ ରଖିଛନ୍ତି । ଏହି ଘଟଣାର ତଦନ୍ତ ପାଇଁ ଶିକ୍ଷାବିତ୍‌କୁ ନେଇ ଏକ କମିଟି ଗଠନ କରାଯାଇଛି ବୋଲି ସେ କହିଛନ୍ତି ।

## ଏମ୍ଇଏ-ଜାମ୍ମୁ କାଶ୍ମୀର

ଜାମ୍ମୁ-କାଶ୍ମୀର ପ୍ରସଙ୍ଗକୁ ନେଇ ଗତ ୭ ତାରିଖରେ ଚୀନ୍ ଓ ପାକିସ୍ତାନ ପକ୍ଷରୁ ଜାରି ମିଳିତ ବିବୃତ୍ତିକୁ ଭାରତ ଖଣ୍ଡନ କରିଛି । ଗଣମାଧ୍ୟମକୁ ସୂଚନା ଦେଇ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି ଜାମ୍ମୁ କାଶ୍ମୀର ଏବଂ ଲଦାଖ ଭାରତ ଅବିଚ୍ଛେଦ୍ୟ ଅଙ୍ଗ ଥିଲା, ଅଛି ଏବଂ ରହିବ । ଏହି ପ୍ରସଙ୍ଗରେ କାହାର ବି କୌଣସି ମନ୍ତବ୍ୟ ଦେବାର ଅଧିକାର ନାହିଁ ବୋଲି ସେ କହିଛନ୍ତି । ସେ କହିଛନ୍ତି ଚାଇନା, ପାକିସ୍ଥାନ ଅର୍ଥନୈତିକ କରିଡର ଅଧୀନରେ ହେଉଥିବା କାର୍ଯ୍ୟକଳାପ ଏବଂ ପ୍ରକଳ୍ପ ବିଷୟକୁ ନେଇ ଉଭୟ

ଦେଶ ପକ୍ଷରୁ ଏକ ମିଳିତ ବିବୃତ୍ତି ଜାରି କରାଯାଇଥିଲା । ତେବେ ସେଥିରେ ପାକିସ୍ତାନ ଜବରଦସ୍ତି ତଥା ବେଆଇନ ଭାବରେ କବ୍‌ଜାରେ ରଖିଥିବା ଭାରତର ସାର୍ବଭୌମ୍ୟ ଅଞ୍ଚଳକୁ ଦର୍ଶାଯାଇଛି, ଯାହାକୁ ଭାରତ ଦୃଢ଼ଭାବେ ଖଣ୍ଡନ କରିଛି । ପାକିସ୍ତାନର ସେହି ବେଆଇନ ଦଖଲକୁ ମାନ୍ୟତା ଦେବାପାଇଁ ଅନ୍ୟଦେଶର ପଦକ୍ଷେପକୁ ଭାରତ ଦୃଢ଼ ବିରୋଧ କରେ ବୋଲି ଶ୍ରୀ ଜୟସ୍ୱାଲ କହିଛନ୍ତି ।

## ଟି-ଟ୍ୱେଣ୍ଟି ବିଶ୍ୱକପ୍

ଆଇ.ସି.ସି. ପୁରୁଷ ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍‌ରେ ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ଇଂଲଣ୍ଡ' ଓମାନ୍‌କୁ ୮ ଓ୍ୱିକେଟ୍‌ରେ ପରାସ୍ତ କରିଛି । ଏଥିସହିତ ଇଂଲଣ୍ଡର ସୁପର ଏଇଟ୍ ଗ୍ରୁପ୍‌ରେ ପ୍ରବେଶ କରିବା ଲାଗି ଆଶା ଉଜ୍ଜ୍ୱଳ ହୋଇଛି । ଗତକାଲି ପ୍ରଥମେ ବ୍ୟାଟିଂ କରି ଓମାନ୍ ୪୭ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା । ଏହାର ଜବାବରେ ଇଂଲଣ୍ଡର ମାତ୍ର ୧୯ଟି ବଲ୍‌ରେ ଏହି ଲକ୍ଷ୍ୟ ହାସଲ କରିଥିଲେ ।